# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 10 October – 2025

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଓ ହୀରାକୁଦରେ ଆସନ୍ତାକାଲି ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ଦୁଇଟି ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଉଦ୍‌ଘାଟନ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ
- ଭେନେଜୁଏଲାରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ଶାନ୍ତି ପାଇଁ ମାରିଆ କୋରିନା ମଚାଡୋ ପାଇବେ ନୋବେଲ ପୁରସ୍କାର

ଏବଂ

- ମୋଟରଯାନ ଇ-ଚାଲାଣକୁ ୫୦ ପ୍ରତିଶତ କୋହଳ କଲେ ରାଜ୍ୟ ସରକାର

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ 'ଷ୍ଟେଟ୍ ଅଫ୍ ଦ ଆର୍ଟ' ମାଛ ମାର୍କେଟ ଏବଂ ହୀରାକୁଦରେ ଏକକୀକୃତ ଆକ୍ୱାପାର୍କର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀ ଚାଷୀମାନଙ୍କ ସହ ଭାବ ବିନିମୟ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଭୁବନେଶ୍ୱର ମହାନଗର ନିଗମ ମେୟର **ସୁଲୋଚନା ଦାସ** କହିଛନ୍ତି....

**- V/O –**

## କ୍ୟାବିନେଟ୍

ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

## ନୋବେଲ ଶାନ୍ତି ପୁରସ୍କାର

ଭେନେଜୁଏଲାର ମାରିଆ କୋରିନା ମଚାଡୋଙ୍କୁ ୨୦୨୫ ମସିହା ପାଇଁ ନୋବେଲ ଶାନ୍ତି ପୁରସ୍କାର ଲାଗି ମନୋନୀତ କରାଯାଇଛି। ଭେନେଜୁଏଲାରେ ଗଣତନ୍ତ୍ର, ମାନବାଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଦେଶରେ ଏକଛତ୍ରବାଦୀ ଶାସନର ଅନ୍ତ ଘଟାଇବା ପାଇଁ ଏକ ଶାନ୍ତିପୂର୍ଣ୍ଣ ସଂଘର୍ଷର ନେତୃତ୍ୱ ନେଇଥିବାରୁ ମାରିଆ କୋରିନାଙ୍କୁ ଏହି ମର୍ଯ୍ୟାଦାଜନକ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯିବ। ନରୱେଜିୟାନ ନୋବେଲ କମିଟି ପକ୍ଷରୁ ଏହା ଘୋଷଣା କରାଯାଇଛି। ଚଳିତବର୍ଷ ଶାନ୍ତି ପୁରସ୍କାର ପାଇଁ ମୋଟ୍ ୩୩୮ ଜଣ ବ୍ୟକ୍ତି ଏବଂ ସଂଗଠନ ଆବେଦନ କରିଥିଲେ।

## ପିଏମ୍ ଜନମନ

ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅଧୀନରେ ୨ଟି ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଡକ ପ୍ରକଳ୍ପର ନିର୍ମାଣ ସଫଳତାର ସହ ଶେଷ କରିଛନ୍ତି।  ରାୟଗଡ଼ା ଜିଲ୍ଲାର ତେଲଗୁଡୁଠାରୁ ତାରବେଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ଦେବଗଡ଼ ଜିଲ୍ଲାର ପୂର୍ତ୍ତ ରାସ୍ତାଠାରୁ ସିଆରହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରାୟଗଡ଼ା ଜିଲ୍ଲାରେ ସମାପ୍ତ ହୋଇଥିବା ତେଲଗୁଡୁ ରାସ୍ତା ପ୍ରକଳ୍ପ ଯୋଗୁଁ  ତେଲଗୁଡୁ ଗ୍ରାମଠାରୁ ଅଢ଼େଇ କିଲୋମିଟର ଦୂର ତାରବେଲର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯୋଗାଯୋଗ ସହଜ ହୋଇଛି। ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ରମିକ ଭାବରେ ସାମିଲ

କରାଯାଇ ଗୋଷ୍ଠି ସହଭାଗିତାକୁ ସୁଦୃଢ଼ କରାଯାଇଛି। ପ୍ରକଳ୍ପ ଅଧୀନରେ ରାସ୍ତାକୁ ଦୀର୍ଘସ୍ଥାୟୀ ଏବଂ ସୁରକ୍ଷିତ ରଖିବା ପାଇଁ ବୃକ୍ଷରୋପଣ ଓ ଉପଯୁକ୍ତ ଜଳ ନିଷ୍କାସନ ଭଳି ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରାଯାଇଛି।

ସେହିପରି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ଅନ୍ତର୍ଗତ ସିଆରୀହୁଲିର ଦୂରବର୍ତ୍ତୀ ବସତିକୁ ସୁନିଶ୍ଚିତ କରିବା ପାଇଁ ୧୪୧ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨ କିଲୋମିଟରରୁ ଊର୍ଦ୍ଧ୍ୱ ଦୀର୍ଘ ରାସ୍ତାର ନିର୍ମାଣ କରାଯାଇଛି।

## ଇ-ଚାଲାଣ

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମୋଟରଯାନ ଇ-ଚାଲାଣ ଫାଇନ୍ କୋହଳ କରାଯାଇଛି। ୩୧ ଜୁଲାଇ କିମ୍ବା ତା ପୂର୍ବରୁ ଇ-ଚାଲାଣ କଟିଥିଲେ ଫାଇନ୍ ୫୦ ପ୍ରତିଶତ କୋହଳ କରାଯାଇଥିବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ସମୀକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲ୍ଲାପାଳ ଶିବାଶୀଷ ବରାଳ ବିପର୍ଯ୍ୟୟ ଏବଂ ବିଜୁଳି ଆଘାତରେ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ଅନୁକମ୍ପାରାଶି ତୁରନ୍ତ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପୁରସ୍କୃତ

କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ **ଗଞ୍ଜାମ** ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଫାଶିଗୁଡା ଗ୍ରାମର ଜିତେନ୍ଦ୍ର ପ୍ରଧାନ ଆଇଟିଆଇ-ସିଆଇଟିଏସ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ଏ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଭି.କିର୍ତ୍ତିଭାସନ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ପୋଲିଓ ଟିକାକରଣ

**ସମ୍ବଲପୁର** ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ଜରିଆରେ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ କାର୍ଯ୍ୟକ୍ରମ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।  ସ୍ୱାସ୍ଥ୍ୟକର୍ମୀ ଓ ଅଭିଭାବକଙ୍କ ସୁରକ୍ଷାକୁ ନିଶ୍ଚିତ କରି ଟିକାକରଣ ସେବାକୁ ଆଗେଇନେବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୨ ତାରିଖରୁ ବିଭିନ୍ନ ବୁଥ୍‌ରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ସେହିଭଳି ୧୩ ଓ ୧୪ ତାରିଖରେ ଘରକୁ ଘର ବୁଲି ଟିକାକରଣ କରାଯିବ।

## ବିଶ୍ୱ ଅଣ୍ଡା ଦିବସ

ରାଜ୍ୟ ଅଣ୍ଡା ଉତ୍ପାଦନରେ ଶକ୍ତି କେନ୍ଦ୍ର ହେବ ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମଲ୍ଲିକ୍ କହିଛନ୍ତି, ଦୈନିକ ପ୍ରାୟ ୧ କୋଟି ୧୭ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଛି। ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଥିବାବେଳେ ୨୦୨୯ ମସିହା ସୁଦ୍ଧା ୫ ଶହ କୋଟି ଅଣ୍ଡା

ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲାର ଯୁବ ଉଦ୍ୟୋଗୀମାନଙ୍କୁ ଆଗେଇ ଆସିବାକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଆହ୍ୱାନ ଦେଇଛନ୍ତି। ଅଣ୍ଡାର ଗୁଣବତ୍ତା ଏବଂ ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରାଇବା ଓ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଉଛି। ଚଳିତବର୍ଷର ବିଷୟବସ୍ତୁ ରହିଛି 'ଶକ୍ତିଶାଳୀ ଅଣ୍ଡା, ପ୍ରାକୃତିକ ପୋଷଣରେ ଭରପୂର'।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଜୀବନରେ ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱ ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ହେଉଛି 'ସେବା ଉପଲବ୍ଧତା-ବିପର୍ଯ୍ୟୟ, ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ'। ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା, ଏହାର ନିରାକରଣ ଏବଂ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

# ମାନସିକ ସ୍ୱାସ୍ଥ୍ୟ-ଜିଲ୍ଲା

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ତାଲୁକ୍ ଆଇନ୍‌ସେବା କମିଟି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା

ଦୌରାଜଜ୍ ପ୍ରଦୀପ କୁମାର ସାମଲ ଯୋଗଦେଇ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

**ନୟାଗଡ଼** ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାର ଅନ୍ତେବାସୀଙ୍କୁ ନେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।

## ବରିଷ୍ଠ ନାଗରିକ ଦିବସ-ରାଜ୍ୟ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସୁପରାମର୍ଶ ଦ୍ୱାରା ଏକ ସୁସ୍ଥ ଓ ଆଦର୍ଶ ସମାଜ ଗଠନ ହୋଇପାରିବ ବୋଲି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବରିଷ୍ଠ ନାଗରିକମାନେ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେ ନେଇ ଯତ୍ନବାନ୍ ହେବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ପରାମର୍ଶ ଦେଇଛନ୍ତି। ବରିଷ୍ଠଙ୍କ ସହାୟତା ପାଇଁ ବିଭାଗ ପକ୍ଷରୁ ସୁରକ୍ଷା ଓ ନିରାପତ୍ତା ସେଲ୍ ତିଆରି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

**- V/O –**

## ବରିଷ୍ଠ ନାଗରିକ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ।

**ନୟାଗଡ଼** ଜିଲ୍ଲା ପଠାଣୀସାମନ୍ତ ଅଡିଟୋରିୟମ୍‌ଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜରେ ଥିବା ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍ମୃତିଭବନ ଟାଉନ୍‌ହଲ୍‌ଠାରେ ବରିଷ୍ଠ ନାଗରିକ ଦିବସ ଅବସରରେ ଯୋଗ, ସ୍ୱାସ୍ଥ୍ୟପରୀକ୍ଷା ଏବଂ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି ।

**ଢେଙ୍କାନାଳ** ପୁରୁଣା ଜିଲ୍ଲା ପରିଷଦ ହଲ୍‌ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ।

**କନ୍ଧମାଳ** ଜିଲ୍ଲା ଫୁଲବାଣୀସ୍ଥିତ ବିଜୁ କଲ୍ୟାଣମଣ୍ଡପଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣମଣ୍ଡପଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ଆୟୋଜିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ୧୭୭ଜଣ ବରିଷ୍ଠ ନାଗରିକ ଯୋଗଦେଇଥିଲେ ।

**କୋରାପୁଟ** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ବରିଷ୍ଠ ନାଗରିକ ଦିବସ ଆୟୋଜିତ ହୋଇଯାଇଛି ।

**ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । **କେନ୍ଦ୍ରାପଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର** ଜିଲ୍ଲାରେ ମଧ୍ୟ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ।

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପ୍ରାୟ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ।

ଆଗାମୀ ୩ ରୁ ୪ ଦିନ ମଧ୍ୟରେ ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ଦୀର୍ଘ ୧୬ ବର୍ଷ ପରେ ଚଳିତବର୍ଷ ମେ' ମାସ ଶେଷ ସୁଦ୍ଧା ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥିଲା ।